# NATIONAL NEWS BULLETIN (ODIA)

## 15th December - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଜୋର୍ଡ଼ାନ୍, ଇଥଇଓପିଆ ଓ ଓମାନ୍‌କୁ ଆଜିଠାରୁ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ପ୍ରଯୁକ୍ତିବିଦ୍ୟା' ବିଚାର ପ୍ରକ୍ରିୟାର ବିକଳ୍ପ ହେବା ଉଚିତ ନୁହେଁ; କହିଲେ ପ୍ରଧାନ ବିଚାରପତି ।

- ଆମେରିକା ପକ୍ଷରୁ ଆଜିଠାରୁ ଆରମ୍ଭ ହେବ ଏଚ୍-ୱାନ୍ ବି' ଏବଂ ଏଚ୍-ଫୋର ଭିସା ଆବେଦନକାରୀଙ୍କ ଯାଞ୍ଚ୍ ପ୍ରକ୍ରିୟା ।

- ଅଷ୍ଟ୍ରେଲିଆର ବୋଣ୍ଡି ଉପକୂଳ ଗୁଳିକାଣ୍ଡରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ।

ଏବଂ

- ଧର୍ମଶାଳା ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୭ ୱିକେଟ୍‌ରେ ବିଜୟୀ ।

## ପି.ଏମ୍. - ଥ୍ରୀ ନେସନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଜୋର୍ଡ଼ାନ୍, ଇଥିଓପିଆ ଏବଂ ଓମାନ୍ ଗସ୍ତରେ ଯିବେ । କିଙ୍ଗ୍ ଅବଦୁଲ୍ଲା ଦ୍ୱିତୀୟ ବିନ୍ ଅଲ୍ ହୁସେନ୍‌ଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ଆଜି ଏବଂ ଆସନ୍ତାକାଲି ଜୋର୍ଡ଼ାନ୍ ଗସ୍ତ କରିବେ । ଭାରତ ଏବଂ ଜୋର୍ଡ଼ାନ୍ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପାଳନ ଉପଲକ୍ଷେ ଶ୍ରୀ ମୋଦିଙ୍କ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ଜୋର୍ଡାନରେ ୧୭ହଜାର ୫୦୦ରୁ ଅଧିକ ପ୍ରବାସୀ ଭାରତୀୟ ହାସ୍‌ମି ସାମ୍ରାଜ୍ୟର ଅର୍ଥନୈତିକ ଏବଂ ସାମାଜିକ ଉନ୍ନତିର ଅବିଚ୍ଛେଦ୍ୟ ଅଂଶ ପାଲଟିଛନ୍ତି । ବୟନଶିଳ୍ପ, ନିର୍ମାଣ ଏବଂ ଉତ୍ପାଦନ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରବାସୀ ଭାରତୀୟ ନିଜର ଉତ୍କର୍ଷ ପ୍ରତିପାଦନ କରିଥିବାବେଳେ ଦୁଇଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରୁଛନ୍ତି । ଜୋର୍ଡାନର ପୋଷାକ ଏବଂ ବୟନଶିଳ୍ପ କ୍ଷେତ୍ରକୁ ପ୍ରବାସୀ ଭାରତୀୟ ପ୍ରାୟ ୫୦୦ ନିୟୁତ ଆମେରିକୀୟ ଡଲାର ନିବେଶ ମାଧ୍ୟମରେ ସମୃଦ୍ଧ କରିଛନ୍ତି । ଏହାବ୍ୟତୀତ ଜୋର୍ଡାନରେ ସ୍ୱାସ୍ଥ୍ୟସେବା, ସୂଚନା ଓ

ପ୍ରଯୁକ୍ତି ବିଦ୍ୟା, ଆର୍ଥିକ କ୍ଷେତ୍ର, ସାର କମ୍ପାନୀ, ବିଶ୍ୱବିଦ୍ୟାଳୟ ତଥା ବହୁପକ୍ଷୀୟ ସଂଗଠନ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରବାସୀ ଭାରତୀୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ରାଜଧାନୀ ଅମାନଠାରେ ପ୍ରବାସୀ ଭାରତୀୟ ସମ୍ପ୍ରଦାୟଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

ଏହାପରେ ଶ୍ରୀ ମୋଦୀ ବୁଧବାର ପର୍ଯ୍ୟନ୍ତ ଇଥିଓପିଆ ଗସ୍ତ କରିବେ । ଏହି ଗସ୍ତ ଭାରତ ଦକ୍ଷିଣ-ଆଫ୍ରିକା ସହଯୋଗକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ଗସ୍ତର ଚୂଡ଼ାନ୍ତ ପର୍ଯ୍ୟାୟରେ  ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁବାର ପର୍ଯ୍ୟନ୍ତ ଓମାନ ଗସ୍ତରେ ଯିବେ । ଉଭୟ ଦେଶ ମଧ୍ୟରେ ଥିବା ବ୍ୟାବସାୟିକ ସମ୍ପର୍କ ଏବଂ ଲୋକସମ୍ପର୍କକୁ ବୃଦ୍ଧି କରିବାପାଇଁ ଏହି ଗସ୍ତ ଅବସରରେ ଭାରତ ଓ ଓମାନ୍ ମଧ୍ୟରେ କେତେକ ଚୁକ୍ତିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

## ସି.ଜେ.ଆଇ. - ଟେକ୍ନୋଲୋଜି

ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି, ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପ୍ରଯୁକ୍ତିବିଦ୍ୟାର ସହଯୋଗ

ନିଆଯାଇପାରିବ; କିନ୍ତୁ ପରିବର୍ତ୍ତନପାଇଁ ଏହା ବ୍ୟବହାର ଉପଯୋଗୀ ନୁହେଁ । ଏକ ଆଲୋଚନାଚକ୍ରକୁ ଗତକାଲି ସମ୍ବୋଧନ କରି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି, କୋଭିଡ୍ ମହାମାରୀ ସମୟରେ ପ୍ରଯୁକ୍ତବିଦ୍ୟାର ଉପଯୋଗ ବୃଦ୍ଧି ପାଇଥିଲା । ସେ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ବିଚାର ପ୍ରକ୍ରିୟାର ସେବକ ହେବା ଉଚିତ; ବିକଳ୍ପ ନୁହେଁ । ଟ୍ରାଏଲ୍ କୋର୍ଟରୁ ଆରମ୍ଭ କରି ସାମ୍ବିଧାନିକ କୋର୍ଟ ପର୍ଯ୍ୟନ୍ତ ପଡ଼ି ରହିଥିବା ମାମଲାଗୁଡ଼ିକ ନ୍ୟାୟ ପ୍ରଦାନର ବିଭିନ୍ନ ସ୍ତରକୁ ଅବରୋଧ କରିଥାଏ । ବିକଳ୍ପ ବିବାଦ ସମାଧାନ ପ୍ରକ୍ରିୟା ବକେୟା ମାମଲାଗୁଡ଼ିକର ତୁରନ୍ତ ସମାଧାନ କ୍ଷେତ୍ରରେ ସର୍ବୋତ୍ତମ ପଦକ୍ଷେପ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି । ଲୋକ ଅଦାଲତ ବ୍ୟବସ୍ଥା ଉପରେ ଆଲୋକପାତ କରି ସେ କହିଛନ୍ତି, ରାଷ୍ଟ୍ରୀୟ ଲୋକ ଅଦାଲତ ଅଭିଯାନ ଏ ଦିଗରେ ସଫଳତା ପ୍ରଦାନ କରୁଛି ।

## ଏମ୍.ଇ.ଏ. - ବାଂଲାଦେଶ

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଏବଂ ତାଙ୍କ ସମର୍ଥକଙ୍କୁ ଉତ୍ତେଜନାପୂର୍ଣ୍ଣ ବୟାନ ଦେବାକୁ ନୂଆଦିଲ୍ଲୀ ଅନୁମତି ପ୍ରଦାନ ଦେବା ସଂକ୍ରାନ୍ତ ଦାବୀକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି । ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଏଭଳି ଦାବୀ କରିଥିଲେ । ବୈଦେଶିକ ବ୍ୟାପାର

ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ବାଂଲାଦେଶରେ ମୁକ୍ତ, ନିରପେକ୍ଷ, ଅନ୍ତର୍ଭୁକ୍ତୀମୂଳକ ଏବଂ ବିଶ୍ୱସନୀୟ ନିର୍ବାଚନପାଇଁ ଭାରତର ସମର୍ଥନ ରହିଛି । ବାଂଲାଦେଶ ସ୍ୱାର୍ଥ ବିରୋଧୀ କାର୍ଯ୍ୟକଳାପପାଇଁ ଭାରତ କେବେ ମଧ୍ୟ ନିଜର ଭୂମିକୁ ବ୍ୟବହାର କରିବାକୁ ଦେଇ ନାହିଁ । ମନ୍ତ୍ରଣାଳୟ କହିଛି, ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର' ଆଭ୍ୟନ୍ତରୀଣ ଆଇନ ଓ ଶୃଙ୍ଖଳାକୁ ସୁନିଶ୍ଚିତ କରିବା ସହିତ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଭାରତ ଆଶା ପ୍ରକାଶ କରିଛି ।

## ରେଲ୍‌ୱେ ଇଲେକ୍ଟ୍ରିଫିକେସନ

ରେଳବାଇର ପ୍ରାୟ ସମସ୍ତ ବ୍ରଡ୍‌ଗେଜ୍ ରେଳପଥରେ ବିଦ୍ୟୁତିକରଣ ପ୍ରକିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରେଳ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବିଦ୍ୟୁତିକରଣ ପ୍ରକ୍ରିୟା ୯୯ ପ୍ରତିଶତରୁ ଅଧିକ ସମ୍ପୂର୍ଣ୍ଣ ହୋଇଛି । ୨୦୧୯ରୁ ଏପର୍ଯ୍ୟନ୍ତ ୩୩ ହଜାର କିଲୋମିଟରରୁ ଅଧିକ ରେଳପଥକୁ ବିଦ୍ୟୁତିକରଣ କରାଯାଇସାରିଛି । ମନ୍ତ୍ରଣାଳୟ କହିଛି, ଦେଶରେ ସ୍ୱଚ୍ଛ ଏବଂ ଦକ୍ଷ ରେଳପଥର ବ୍ୟାପକତାକୁ ଏହା ପ୍ରମାଣ କରୁଛି ।

# ୟୁ.ଏସ୍. - ଭିସା

ଏଚ୍-ୱାନ୍ ବି’ ଏବଂ ତତ୍ସଂଲଗ୍ନ ଏଚ୍-ଫୋର ଭିସା ଆବେଦନକାରୀଙ୍କ ଯାଞ୍ଚ୍ ପ୍ରକ୍ରିୟା ଆଜିଠାରୁ ଆମେରିକା ପକ୍ଷରୁ ଆରମ୍ଭ କରାଯିବ । ଆବେଦନକାରୀଙ୍କ ସାମାଜିକ ଗଣମାଧ୍ୟମ ପ୍ରୋଫାଇଲ୍ ଏଥିରେ ଅନ୍ତର୍ଭୁକ୍ତ । ଆମେରିକାର ଷ୍ଟେଟ୍ ଡିପାର୍ଟମେଣ୍ଟ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି । ଯାଞ୍ଚ୍କୁ ସହଜ କରିବାପାଇଁ ଆବେଦନକାରୀଙ୍କୁ ସେମାନଙ୍କୁ ସାମାଜିକ ଗଣମାଧ୍ୟମ ପ୍ରୋଫାଇଲ୍ର ଗୋପନୀୟତା ସ୍ଥିତିକୁ ସାର୍ବଜନୀନ କରିବାକୁ ପରାମର୍ଶ ଦିଆଯାଇଛି । ଏଚ୍-ୱାନ୍ ବି’ ଏବଂ ତତ୍ସଂଲଗ୍ନ ଏଚ୍-ଫୋର୍ ଭିସା ମାଧ୍ୟମରେ ଆବେଦନକାରୀ ଏଫ୍., ଏମ୍. ଏବଂ ଜେ. ଭିସାପାଇଁ ଆବେଦନ କରିଥା’ନ୍ତି । ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟକ ଆମେରିକା ଯିବାପାଇଁ ଏହି ଭିସା ଆବେଦନ କରିଥା’ନ୍ତି । ସେଠାରେ ପ୍ରବାସୀଙ୍କ ବୃଦ୍ଧିକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ଏହି ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି । ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାପାଇଁ ଆମେରିକୀୟ କମ୍ପାନୀଗୁଡ଼ିକ ବ୍ୟବହାର କରୁଥିବା ଏଚ୍-ୱାନ୍ ବି’ ଭିସା ଅପବ୍ୟବହାରକୁ ରୋକିବା ଲକ୍ଷ୍ୟ ନେଇ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡ଼ିଛି ।

# ଅଷ୍ଟ୍ରେଲିଆ ସୁଟିଂ

ଅଷ୍ଟ୍ରେଲିଆ ସିଡ୍‌ନୀର ବୋଣ୍ଡି ଉପକୂଳରେ ଗତକାଲି ହୋଇଥିବା ଗୁଳିକାଣ୍ଡରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ଅଷ୍ଟ୍ରେଲିଆ ପୁଲିସ ଏହାକୁ ଆତଙ୍କବାଦ ଘଟଣା ବୋଲି ବର୍ଣ୍ଣନା କରିଛି । ପୁଲିସ୍ ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗୁଳିକାଣ୍ଡ ଘଟଣାଇଥିବା ୨ ଜଣ ବ୍ୟକ୍ତି ବାପ-ପୁଅ ଥିଲେ । ଏହି ଘଟଣାରେ ୨ ଜଣ ପୁଲିସ୍ ଅଧିକାରୀଙ୍କ ସମେତ ୪୨ ଜଣ ଆହତ ହୋଇଛନ୍ତି । ଘଟଣାସ୍ଥଳରୁ ୬ଟି ବନ୍ଧୁକ ଏବଂ କେତେକ ବିସ୍ଫୋରକ ଉପକରଣ ଜବତ କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି' ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛି ଏବଂ ଯେକୌଣସି ପ୍ରକାର ଆତଙ୍କାବଦ କାର୍ଯ୍ୟକଳାପ ବିରୋଧରେ ପଦକ୍ଷେପକୁ ଭାରତ ସମର୍ଥନ କରେ ବୋଲି ଶ୍ରୀ ମୋଦି କହିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ର ଡକ୍ଟର ଏସ୍. ଜୟଶଙ୍କର ଏହି ଘଟଣାକୁ ନିନ୍ଦା କରିବା ସହ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଏଥିରେ ପ୍ରଭାବିତ ଲୋକ ଏବଂ ସେମାନଙ୍କ ପରିବାରବର୍ଗ ସହ ଭାରତ ରହିଛି ।

# ଇସ୍ରାଏଲ୍ ହିଜ୍‌ବୁଲ୍ଲା କିଲ୍‌ଡ୍

ଦକ୍ଷିଣ ଲେବାନନ୍‌ରେ ଗତକାଲି ଇସ୍ରାଏଲର ଡ୍ରୋନ୍ ଆକ୍ରମଣ ଯୋଗୁଁ ୩ ଜଣ ହିଜ୍‌ବୁଲ୍ଲା ସଦସ୍ୟ ନିହତ ହେବା ସହ ଜଣେ ଆହତ ହୋଇଛି । ଲେବାନନ୍‌ର ସରକାରୀ ଜାତୀୟ ସମ୍ବାଦ  ସରବରାହ ସଂସ୍ଥା ଏହାକୁ ସ୍ପଷ୍ଟ କରି କହିଛି, ବିଣ୍ଟ୍ ଜବେଲ୍ ଜିଲ୍ଲାର ୟାତେର୍ ଗ୍ରାମଠାରେ ଏକ ମୋଟର୍ ସାଇକେଲ୍‌ରେ ଡ୍ରୋନ ମାଡ଼ ଯୋଗୁଁ ଜଣେ ପ୍ରାଣ ହରାଇବା ସହିତ ଅନ୍ୟ ଜଣେ ଆହତ ହୋଇଛନ୍ତି । ଏହି ଜିଲ୍ଲାର ଅନ୍ୟ ଏକ ସ୍ଥାନରେ ଡ୍ରୋନ୍ ଆକ୍ରମଣରେ ଜଣେ କାର୍ ଚାଳକଙ୍କର ମୃତ୍ୟୁ ହୋଇଛି । ଜୌଇୟା ଗ୍ରାମରେ ତୃତୀୟ ଇସ୍ରାଏଲ୍ ଡ୍ରୋନ୍ ଆକ୍ରମଣରେ ଆଉ ଜଣେ ନିହତ ହୋଇଛି । ଲେବାନନ୍‌ର ସୁରକ୍ଷା ସଂସ୍ଥା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ତିନିଜଣଯାକ ହିଜ୍‌ବୁଲ୍ଲାର ସଦସ୍ୟ ଥିଲେ ।

ଅନ୍ୟପକ୍ଷରେ ଇସ୍ରାଏଲ୍ ସେନା’ ଦକ୍ଷିଣ ଲେବାନନ୍‌ର କେତେକ ଅଞ୍ଚଳରେ ଡ୍ରୋନ୍ ଆକ୍ରମଣ ଯୋଗୁଁ ୩ ଜଣ ହିଜ୍‌ବୁଲ୍ଲା ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଛି । ଗତବର୍ଷ ନଭେମ୍ବରରେ କାର୍ଯ୍ୟକାରୀ ହୋଇଥିବା ଅସ୍ତ୍ରବିରତି ଉପରେ ଆଲୋକପାତ କରି ଇସ୍ରାଏଲ୍ ସେନା କହିଛି, ହିଜ୍‌ବୁଲ୍ଲା ଆତଙ୍କବାଦୀ ଭିତ୍ତିଭୂମି ପୁନଃ ନିର୍ମାଣ କ୍ଷେତ୍ରରେ ଏହି ଆତଙ୍କବାଦୀମାନେ ଜଡ଼ିତ ଥିଲେ । ସେମାନଙ୍କ କାର୍ଯ୍ୟକଳାପ ଦୁଇ ଦେଶ

ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିନାମାର ଉଲ୍ଲଙ୍ଘନ କରୁଥିବା ବୋଲି ଇସ୍ରାଏଲ୍ ସେନା ଅଭିଯୋଗ କରିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପରିବର୍ତ୍ତିତ ଜୀବନଶୈଳୀରେ ଅସ୍ଥି ସ୍ୱାସ୍ଥ୍ୟର ସୁରକ୍ଷା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍ସର ଅସ୍ଥି ବିଭାଗ ପ୍ରଫେସର ଡାକ୍ତର ବିଜୟ କୁମାର ଏବଂ ରାମ ମନୋହର ଲୋହିଆ ହସ୍ପିଟାଲ୍‌ର ବରିଷ୍ଠ ଫିଜିଓଥେରାପିଷ୍ଟ ଡାକ୍ତର ଶ୍ୱେତା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଇଣ୍ଡିଆ-ଏସ୍.ଏ. - ଟି-ଟ୍ୱେଣ୍ଟି

ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଗତକାଲି ଅନୁଷ୍ଠିତ ତୃତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ଦକ୍ଷିଣ ଆଫ୍ରିକାକୁ ଭାରତ ୭ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା । ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଅଧିନାୟକ ଆଡେନ୍ ମାର୍କ୍ରାମ୍ ସର୍ବାଧିକ ୬୧ ରନ୍ ସ୍କୋର କରିଥିଲେ । ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଏବଂ କୁଲଦୀପ ଯାଦବ ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ । ୧୧୮ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୫ ଓଭର ୫ଟି ବଲ୍‌ରେ ୩ ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଅର୍ଶଦୀପ ସିଂହଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଏହି ବିଜୟ ସହ ଭାରତ ୨-୧ରେ ସିରଜ୍ ଆଗୁଆ ରହିଛି । ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆସନ୍ତା ବୁଧବାର ଲକ୍ଷ୍ନୌଠାରେ ଖେଳାଯିବାକୁ ଥିବାବେଳେ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଶୁକ୍ରବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଖେଳାଯିବ ।

# ମେସି - ନିୟୁ ଦିଲ୍ଲୀ ଟୁର୍

ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍ ଇଣ୍ଡିଆ ଟୁର୍ ମାଧ୍ୟମରେ ତିନିଦିନିଆ ଭାରତ ଗସ୍ତରେ ଆସିଥିବା ଆର୍ଜେଣ୍ଟିନାର ଖ୍ୟାତନାମା ଫୁଟ୍‌ବଲ୍ ଖେଳାଳି ଲିଓନେଲ୍ ମେସି ଆଜି ନୂଆଦିଲ୍ଲୀରେ ପହଞ୍ଚିବେ । ତାଙ୍କ ଗସ୍ତର ଏହା ହେବ ଶେଷ ପର୍ଯ୍ୟାୟ । ମୁଖ୍ୟ କାର୍ଯ୍ୟକ୍ରମ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ । ଏହି ଅବସରରେ ଶ୍ରୀ ମେସି ମିନର୍ଭା ଏକାଡେମୀର ୩ଟି ଯୁବଟ୍ରଫି ଜିତିଥିବା ଦଳଗୁଡ଼ିକୁ ସମ୍ବର୍ଦ୍ଧିତ କରିବେ । କାର୍ଯ୍ୟକ୍ରମ ଅବସରରେ ଗୋଟିଏ ପଟରେ ୯ ଜଣ ଖେଳାଳିଙ୍କୁ ନେଇ ଏକ ସେଲିବ୍ରିଟି ଫୁଟ୍‌ବଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତ ୧୩ ତାରିଖାରେ ଶ୍ରୀ ମେସିଙ୍କର କୋଲ୍‌କାତାରୁ ଭାରତ ଗସ୍ତ ଆରମ୍ଭ ହୋଇଥିଲା । ୧୪ ବର୍ଷ ପରେ ଭାରତକୁ ଏହି  ତିନିଦିନିଆ ଗସ୍ତ ଅବସରରେ ଶ୍ରୀ ମେସି କୋଲ୍‌କାତା ପରେ ହାଇଦ୍ରାବାଦ, ମୁମ୍ବାଇ ଗସ୍ତ ଶେଷକରି ଆଜି ଦିଲ୍ଲୀରେ ପହଞ୍ଚିବେ ।

*****